Oriyamusic.com
[Promoting the music of Orissa]

# କିଏ ପଥର କହେ କିଏ ଚିତର କହେ

କିଏ ପଥର କହେ କିଏ ଚିତର କହେ --୨  କଂସା ପିତଳ କହେ କେ କାଠ ଗଣ୍ଡିଏ
ମୋ ନୀଳାଚଳିଆ ସାଆନ୍ତ ପକା ଖଣ୍ଡିଏ --୨
କିଏ ପଥର କହେ କିଏ ଚିତର କହେ --୨ କଂସା ପିତଳ କହେ କେ କାଠ ଗଣ୍ଡିଏ
ମୋ ନୀଳାଚଳିଆ ସାଆନ୍ତ ପକା ଖଣ୍ଡିଏ --୩

କିଏ କହେ ଦେଲା ଦେଲା ଛପର ଫାଡି କିଏ କହେ ନେଲା ନେଲା ଭୁଇଁରୁ ତାଡି -- ୨
ଡାକିଲେ ପଳାଏ ଋଷି କା ପାଖରେ ବଳେ ପଶି --୨
କାହାକୁ ଯୋଗାଏ ହାଣ୍ଡି କାର ଖାଣ୍ଡିଏ
ମୋ ନୀଳାଚଳିଆ ସାଆନ୍ତ ପକା ଖଣ୍ଡିଏ --୩

କେ କହେ ବାବନା ଭୂତ କାଳିଆଭୁଆଁ କିଏ କହେ ହାତୀ ପୁଣି ସିଂହର ଛୁଆ -- ୨
କିଏ କହେ କଳ୍ପତରୁ କେ କହେ  ମହିମାମେରୁ --୨
କିଏ କହି ବୁଲେ ଶିବ ବ୍ରହ୍ମା ଚଣ୍ଡିଏ
ମୋ ନୀଳାଚଳିଆ ସାଆନ୍ତ ପକା ଖଣ୍ଡିଏ --୩

କିଏସେ କେବେ ଗଢିଲା ଏମିତି କରି ଯିଏ ଯେମିତି ଚାହେଁ ସେ ହୁଏ ସେପରି --୨
ଲୀଳା ତାର ଅଜଣା କରେ ସେ ବାଟ ବଣା --୨
କିଏ କହି ବୁଲେ ଶିବ ବ୍ରହ୍ମା ଚଣ୍ଡିଏ
ମୋ ନୀଳାଚଳିଆ ସାଆନ୍ତ ପକା ଖଣ୍ଡିଏ --୨
କିଏ ପଥର କହେ କିଏ ଚିତର କହେ କଂସା ପିତଳ କ ହେ କେ କାଠ ଗଣ୍ଡିଏ
ମୋ ନୀଳାଚଳିଆ ସାଆନ୍ତ ପକା ଖଣ୍ଡିଏ --୩

-----------------

*ସୌଜନ୍ୟ - ଶ୍ରୀମତୀ ନମିତା ସାହୁ, ଅଷ୍ଟ୍ରେଲିଆ*